# ଧାନକ୍ରୟ ଲାଗି ପ୍ରଶିକ୍ଷଣ

ଭଣ୍ଡାରିପୋଖରୀ,୨୪।୧୨
(ରାଜେନ୍ଦ୍ର ଶତପଥୀ)

ଭଣ୍ଡାରିପୋଖରୀ ବ୍ଲକ ସମ୍ମିଳନୀ କକ୍ଷରେ ସୋମବାର ଖରିଫ ଧାନକ୍ରୟ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ବିଡିଓ ଦେବଦତ୍ତ ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଶିବିରରେ ତହସିଲଦାର ସରୋଜକାନ୍ତ ନାୟକ, ଜିଲା ଯୋଗାଣ ଅଧିକାରୀ ଲିଙ୍ଗରାଜ ବେହେରା, ଅତିରିକ୍ତ ଜିଲା ଯୋଗାଣ ଅଧିକାରୀ ବନୋଜ କୁମାର ଶର୍ମା, ସହକାରୀ ସମବାୟ ଉପନିବନ୍ଧକ ବସନ୍ତ କୁମାର ରଣା, ଯୋଗାଣ ଅଧିକାରୀ ହିମାଂଶୁ ଦାସ, ବ୍ଲକ କୃଷି ଅଧିକାରିଣୀ ସୁଦୀପ୍ତା ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ଧାନକ୍ରୟ ନୋଡାଲ ଅଧିକାରୀ ଭାବେ ରାଜସ୍ୱ ନିରୀକ୍ଷକ, ମଣ୍ଡିଗୁଡ଼ିକର ଡାଟାଏଣ୍ଟ୍ରି ଅପରେଟର, ଧାନକ୍ରୟ ଅନୁମୋଦନ ପାଇଥିବା ସ୍ୱୟଂସହାୟକ ଗୋଷ୍ଠୀ ସଦସ୍ୟାମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଛି। ଧାନର ଏଫ୍ଏକ୍ୟୁ ମାନ ପରୀକ୍ଷା, ସରଳ ଧାନକ୍ରୟ ପଦ୍ଧତି, ଚାଷୀଙ୍କ ଚକ୍ଷୁ ସ୍କାନ, ଅନ୍ୟାନ୍ୟ କାଗଜପତ୍ର ବ୍ୟବସ୍ଥା ଆଦି ସମ୍ପର୍କରେ ତାଲିମ ପ୍ରଦାନ କରାଯାଇଛି।

# ପଞ୍ଚାୟତ କାର୍ଯ୍ୟାଳୟ ପାଇଁ ଚିହ୍ନଟ ଜାଗାକୁ ବିରୋଧ

## ହାଇକୋର୍ଟ ନିର୍ଦ୍ଦେଶକୁ ଅବମାନନା ଅଭିଯୋଗ

ତିହିଡ଼ି,୨୪।୧୨ (ସଞ୍ଜିତ ବଳ)

ତିହିଡ଼ି ବ୍ଲକ ଅଧୀନ ଫତେପୁର ପଞ୍ଚାୟତର ନୂତନ କାର୍ଯ୍ୟାଳୟ ଗୃହ ନିର୍ମାଣ ପାଇଁ କିଛିଦିନ ପୂର୍ବେ ସରକାରୀ ଜାଗା ଚିହ୍ନଟ କରାଯାଇଥିଲା। ଚିହ୍ନଟ ହୋଇଥିବା ଜାଗାକୁ କେତେକ ପଞ୍ଚାୟତବାସୀ ବିରୋଧ କରିଛନ୍ତି। ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ଅବମାନନା କରିଏକଅନୁପଯୋଗୀ ଜାଗାକୁ ପ୍ରଶାସନ ପକ୍ଷରୁ ଚିହ୍ନଟ କରାଯାଇଥିବା ସେମାନେ ଦର୍ଶାଇଛନ୍ତି। ଏହା ବିରୋଧରେ ସେମାନେ ପୁଣିଥରେ ଅଦାଲତ ଦ୍ୱାରସ୍ଥ ହେବେ ବୋଲି ମଙ୍ଗଳବାର ଏକ ପ୍ରେସ୍ ବିବୃତିରେ ଚେତାବନୀ ଦେଇଛନ୍ତି।

ସେମାନେ ଦର୍ଶାଇଛନ୍ତି ଯେ, ୨୦୧୫ରେ ଫତେପୁର ନୂତନ ପଞ୍ଚାୟତର ମାନ୍ୟତା ପାଇବା ପରେ କାର୍ଯ୍ୟାଳୟ ନିର୍ମାଣ ପାଇଁ ସ୍ଥିର ହୋଇଥିଲା। ତତ୍କାଳୀନ ତହସିଲଦାର, ବିଡିଓ, ସିଡିପିଓ, ଜିପିଓ ପ୍ରମୁଖଙ୍କୁ ନେଇ ଗଠିତ କମିଟି ପଞ୍ଚାୟତର ମଧ୍ୟବର୍ତ୍ତୀ ଗୋଳାପୋଖରୀ ମୌଜାରେ କାର୍ଯ୍ୟାଳୟ ନିର୍ମାଣ ନିମନ୍ତେ ନିଷ୍ପତ୍ତି ନେଇ ଜିଲାପାଳଙ୍କୁ ଅବଗତ କରାଇଥିଲେ। ପରେ ଜିଲାପାଳ, ଉପଜିଲାପାଳ, ଅତିରିକ୍ତ ଜିଲାପାଳ ପ୍ରମୁଖଙ୍କୁ ନେଇ ଗଠିତ କମିଟି ଏ ସମ୍ପର୍କରେ ପଞ୍ଚାୟତିରାଜ ବିଭାଗ ଯୁଗ୍ମ ସଚିବଙ୍କୁ ଜଣାଇଥିଲେ। ପରେ ଏହାକୁ ନେଇ ବିଜ୍ଞପ୍ତି ପ୍ରକାଶ ପାଇଥିଲେ ବି ଏହା କାର୍ଯ୍ୟକାରୀ ହୋଇ ନ ଥିଲା। କେତେକ ପଞ୍ଚାୟତବାସୀ ଗୋଳାପୋଖରୀ ମୌଜାର ଖାତା ନଂ. ୪୨୦ ପ୍ଲଟ ନଂ. ୪୦୨ରେ ଥିବା ୧ ଏକର ୧୬ ଡିସିମିଲ ସରକାରୀ ଜାଗାରେ କାର୍ଯ୍ୟାଳୟ ନିର୍ମାଣ ପାଇଁ ତହସିଲଦାରଙ୍କୁ ଆବେଦନ କରିଥିଲେ। ଅନ୍ୟ କେତେକ ପଞ୍ଚାୟତବାସୀ ଫତେପୁର ମୌଜାରେ ଖାତା ନଂ. ୯୮୨ ପ୍ଲଟ ନଂ. ୯୦୪ରେ ଥିବା ସରକାରୀ ଜାଗାରେ କାର୍ଯ୍ୟାଳୟ ନିର୍ମାଣ ପାଇଁ ତହସିଲଦାରଙ୍କୁ ଜଣାଇବାରୁ ବିବାଦ ଉପୁଜିଥିଲା। ୨୦୨୧ ଜାନୁଆରୀ ୧୧ରେ ତତ୍କାଳୀନ ତହସିଲଦାରଙ୍କ ନିର୍ଦ୍ଦେଶକ୍ରମେ ଫତେପୁର ମୌଜାର ଜାଗାକୁ ମାପଚୁପ କରାଯାଇଥିଲା। ଫତେପୁର ଓ ନିଶ୍ଚିନ୍ତପୁର ମୌଜା ସୀମାରେ ଜାଗା ଅମେଳ ଥିବା ନେଇ ଆର୍ଆଇ ଓ ଅମିନ ତହସିଲଦାରଙ୍କୁ ରିପୋର୍ଟ ଦେଇଥିଲେ। ପରେ ତହସିଲଦାର ଏ ସମ୍ପର୍କରେ ମାର୍ଚ୍ଚ ୧ରେ ଚିଠି ନଂ. ୫୪୪/୨୧ରେ ଜିଲାପାଳଙ୍କୁ ଜଣାଇଥିଲେ।

ଜାଗା ନିରୂପଣ ନେଇ ବିବାଦ ଉପୁଜିବାରୁ ଫତେପୁର ଗ୍ରାମର ପ୍ରଶାନ୍ତ ନାୟକ ଓ ନିଶ୍ଚିନ୍ତପୁର ଗ୍ରାମର ଦିଲୀପ ବଳ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇ ଏକ ମକଦ୍ଦମା (ନଂ.ଡବ୍ଲ୍ୟୁପିସି ୨୦୨୫୬/୨୨) ରୁଜୁ କରିଥିଲେ। ହାଇକୋର୍ଟ ସେମାନଙ୍କ ଆବେଦନ ଉପରେ ବିଚାର କରି ଗୋଳାପୋଖରୀ ମୌଜାରେ କାର୍ଯ୍ୟାଳୟ ନିର୍ମାଣ ଉପରେ ବିଚାର କରିବାକୁ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ନିର୍ଦ୍ଦେଶ କାର୍ଯ୍ୟକାରୀ ନ ହେବାରୁ ଦିଲୀପ ପୁଣିଥରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇ ଏକ ମକଦ୍ଦମା (ନଂ.ଡବ୍ଲ୍ୟୁପିସି ୨୩୭୦୮/୨୪) ରୁଜୁ କରିଥିଲେ। ହାଇକୋର୍ଟ ଏହାର ବିଚାର କରି ଦିଲୀପଙ୍କ ଆବେଦନ ଉପରେ ଅନୁଧ୍ୟାନ କରିବା ସହ ୩ ମାସ ମଧ୍ୟରେ ନିଷ୍ପତ୍ତି ନେବାକୁ ଗତ ସେପ୍ଟେମ୍ବର ୨୫ରେ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ଗୋଳାପୋଖରୀ ମୌଜାରେ କାହିଁକି କାର୍ଯ୍ୟାଳୟ ନିର୍ମାଣ ନ ହେବ ତା'ର କାରଣ ଦର୍ଶାଇବାକୁ ମଧ୍ୟ ନିର୍ଦ୍ଦେଶରେ ଉଲ୍ଲେଖ କରାଯାଇଥିଲା। ମାତ୍ର ପ୍ରଶାସନ ପକ୍ଷରୁ ଏହି ଆଦେଶକୁ ଅବମାନନା କରାଯାଇ ଫତେପୁର ମୌଜାରେ କାର୍ଯ୍ୟାଳୟ ନିର୍ମାଣ ପାଇଁ ମାପଚୁପ କରାଯିବା ଆଇନସଙ୍ଗତ ନୁହେଁ ବୋଲି ଫତେପୁର ଗ୍ରାମର ବିଦ୍ୟାଧର ଭୋଇ, ପ୍ରଶାନ୍ତ ନାୟକ, ମନ୍ଦରଧର ଭୋଇ, ପରେଶ ନାୟକ, ସ୍ମୃତିରଞ୍ଜନ ବେହେରା, ଦୟାନିଧି ସାହୁ, କବିତା ଦାସ ପ୍ରମୁଖ ଦର୍ଶାଇଛନ୍ତି। ଏ ସମ୍ପର୍କରେ ତହସିଲଦାର ଜୟଦ୍ରଥ ଆଚାର୍ଯ୍ୟ କହିଛନ୍ତି, ହେଡ୍‌କ୍ୱାର୍ଟରରେ କାର୍ଯ୍ୟାଳୟ ନିର୍ମାଣ ପାଇଁ ବିଜ୍ଞପ୍ତିରେ ପ୍ରକାଶ ପାଇଥିବାରୁ ଫତେପୁର ମୌଜାରେ ସରକାରୀ ଜାଗା ଚିହ୍ନଟ କରାଯାଇ ଜିଲାପାଳଙ୍କ ନିକଟକୁ ରିପୋର୍ଟ ପଠାଯାଇଛି। ସେ ଯାହା ନିର୍ଦ୍ଦେଶ ଦେବେ ତଦନୁଯାୟୀ ପଦକ୍ଷେପ ନିଆଯିବ।



ଫତେପୁର ପଞ୍ଚାୟତ କାର୍ଯ୍ୟାଳୟ ନିର୍ମାଣ ପାଇଁ ଚିହ୍ନଟ ହୋଇଥିବା ଜାଗା।

# 'ଶୃଙ୍ଖଳା ଭଲ ମଣିଷ ହେବାକୁ ରାସ୍ତା ଦେଖାଏ'




ସେଣ୍ଟ୍ ଜାଭିୟର୍ସ ହାଇସ୍କୁଲର ବାର୍ଷିକୋତ୍ସବରେ ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।

ଭଦ୍ରକ,୨୪।୧୨ (ସନାତନ ରାଉତ)

ଭଦ୍ରକ ଚରମ୍ପା ସେଣ୍ଟ୍ ଜାଭିୟର୍ସ ହାଇସ୍କୁଲର ୨୯ତମ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷା ତନୁଶ୍ରୀ ଦତ୍ତଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ଗୋଇନ୍ଦା ବିଭାଗ ଅତିରିକ୍ତ ଏସ୍‌ପି ଅଂଶୁମାନ ଦ୍ୱିବେଦୀ ଯୋଗଦେଇ ଶୃଙ୍ଖଳା ହିଁ ଭଲ ମଣିଷ ହେବାକୁ ରାସ୍ତା ଦେଖାଏ ବୋଲି ପିଲାମାନଙ୍କୁ ପରାମର୍ଶ ଦେଇଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ରାଜକମଲ ଚୌହାନ ଓ ସମ୍ପାଦକ ବିବେକ ଡି ଭୂୟାଁର ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଚରମ୍ପା ସରଗଡ଼ିଆଠାରେ ତିଆରି ହୋଇଥିବା ନବନିର୍ମିତ ବିଦ୍ୟାଳୟର ପ୍ରତିଛବିକୁ ଉନ୍ମୋଚନ କରାଯାଇଥିଲା। ଗତ ସିବିଏସ୍‌ସି ପରୀକ୍ଷାରେ ୯୦ ପ୍ରତିଶତରୁ ଅଧିକ ମାର୍କ ରଖିଥିବା ୧୫ ଛାତ୍ରୀଛାତ୍ର ଓ ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀମାନଙ୍କୁ ସମ୍ମାନିତ କରାଯାଇଥିଲା। ଶିକ୍ଷୟିତ୍ରୀ ରିତୁପର୍ଣ୍ଣା ମହାନ୍ତି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପ୍ରକାଶ କୁମାର ରାୟ, ସୁକାନ୍ତି ଗୋସ୍ୱାମୀ, ଅନୀତା ମହାନ୍ତି, ପ୍ରୀତିଲତା ରାୟ, ସୁଶାନ୍ତ ରାଉତ, କଳ୍ପିତା ପାଣିଗ୍ରାହୀ, ସାୟନି ବେରା, ପାୟଲ ରାୟ, ଶିବାନୀ ବେହେରା, ସୁନୀଲ ନାୟକ ଓ ସସ୍ମିତା ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ ଓ ପୌରାଣିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

# ଜରାଶ୍ରମରେ ବଣ୍ଟାଗଲା କମ୍ବଳ



ଜରାଶ୍ରମ ଅନ୍ତେବାସୀଙ୍କ ସହ ଭୂମିକନ୍ୟା ସଙ୍ଗଠନ କର୍ମକର୍ତ୍ତା।

ଭଦ୍ରକ, ୨୪।୧୨
(ରବିନାରାୟଣ ଖିଲାର)

ଲଘୁଚାପ ବର୍ଷା ପରେ ପ୍ରବଳ ଶୀତ ହେଉଥିବାରୁ ଭଦ୍ରକର ଭୂମିକନ୍ୟା ସଙ୍ଗଠନ ପକ୍ଷରୁ କଳ୍ପନା ଦେବୀ ଜରାଶ୍ରମରେ ରହୁଥିବା ବୃଦ୍ଧାବୃଦ୍ଧାଙ୍କୁ କମ୍ବଳ ବଣ୍ଟନ କରାଯାଇଛି। ସଙ୍ଗଠନର ସଭାପତି ସଂଯୁକ୍ତା ବଳ ନାୟକ, ସମ୍ପାଦିକା ଦମୟନ୍ତୀ ରାଉତ, ଉପସଭାପତି ଶଶିକଳା ମିଶ୍ର, ଉପଦେଷ୍ଟା ଶାନ୍ତିଲତା ବାରିକ, ସଂଯୁକ୍ତା ଯାଦବ, ଦମୟନ୍ତୀ ନାଥ, ମମତା ବଳ, ସହସମ୍ପାଦିକା ବୀଣାପାଣି ତ୍ରିପାଠୀ, ପ୍ରଦୀପ ବଳ, ନିରଞ୍ଜନ ନାୟକ ପ୍ରମୁଖ ଜରାଶ୍ରମ ଅନ୍ତେବାସୀଙ୍କୁ କମ୍ବଳ ବଣ୍ଟନ ସହ ଶୁଖିଲା ଖାଦ୍ୟ ପ୍ରଦାନ କରିଥିଲେ। ସେମାନଙ୍କ ସହ ବାର୍ତ୍ତାଳାପ କରିଥିଲେ। ଜରାଶ୍ରମ ପ୍ରତିଷ୍ଠାତା ଡା. ହରେକୃଷ୍ଣ ନାୟକ, ମୁଖ୍ୟ ପ୍ରଜ୍ଞାପରମିତା ପଟ୍ଟନାୟକ, ସଭ୍ୟା ଅଞ୍ଜନା ମିଶ୍ର ସଙ୍ଗଠନର ସମସ୍ତ କର୍ମକର୍ତ୍ତାଙ୍କୁ କୃତଜ୍ଞତା ଜଣାଇଥିଲେ।

# ରାସ୍ତା ନିର୍ମାଣକୁ ନେଇ ଭାଜପା-କଂଗ୍ରେସ ମୁହାଁମୁହିଁ

ତିହିଡ଼ି,୨୪।୧୨(ସଞ୍ଜିତ ବଳ)

ତିହିଡ଼ି ବ୍ଲକ ଅଧୀନ ଭାଟପଡ଼ା ପଞ୍ଚାୟତ ମିର୍ଜାପୁର ଗ୍ରାମରେ ମଙ୍ଗଳବାର ଏକ ରାସ୍ତା ନିର୍ମାଣକୁ ନେଇ ଭାଜପା ଓ କଂଗେସ କର୍ମୀ ମୁହାଁମୁହିଁ ହୋଇଛନ୍ତି। ସ୍ଥିତି ଉତ୍ତେଜନାପୂର୍ଣ୍ଣ ହେବାରୁ ତିହିଡ଼ି ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗଣ୍ଡଗୋଳକୁ ନିୟନ୍ତ୍ରଣ କରିଛି। ସୂଚନା ଅନୁଯାୟୀ, ମିର୍ଜାପୁର ଗ୍ରାମର ନୁନିଆ ଦୋକାନଠାରୁ ରଘୁ ପାତ୍ରଙ୍କ ଘର ଯାଏ ରାସ୍ତା ନିର୍ମାଣ ପାଇଁ ପଞ୍ଚାୟତ ସମିତି ପକ୍ଷରୁ ଏଫ୍‌ଡିଆର୍‌ରେ ୧ ଲକ୍ଷ ୯୮ ହଜାର ଟଙ୍କା ଅନୁଦାନ ଯୋଗାଇ ଦିଆଯାଇଥିଲା। ଏହି ନିର୍ମାଣ କାର୍ଯ୍ୟ କରିବାକୁ ଉଭୟ ଭାଜପା ଓ କଂଗ୍ରେସ କର୍ମୀମାନେ ଉଦ୍ୟମ ଚଳାଇଥିଲେ। ଏପରିକି ଦୁଇ ଦଳ ପକ୍ଷରୁ ୨ଟି ଫଳକ ନିର୍ମାଣ କରାଯିବା ସହ ରାସ୍ତା ନିର୍ମାଣ ସାମଗ୍ରୀ ମଧ୍ୟ ମହଜୁଦ ରଖାଯାଇଥିଲା। ମଙ୍ଗଳବାର ସକାଳେ ଦୁଇ ଦଳର କର୍ମୀମାନେ କାର୍ଯ୍ୟ ଆରମ୍ଭ କରିବାକୁ ଉଦ୍ୟମ କରିବାରୁ ଗଣ୍ଡଗୋଳ ହୋଇଥିଲା। ଏହା ସଂଘର୍ଷର ରୂପ ନେବାରୁ ଖବରପାଇ ତିହିଡ଼ି ଆଇଆଇସି ପ୍ରସନ୍ନ କୁମାର ନାୟକ ସଦଳବଳ ଘଟଣାସ୍ଥଳରେ ପହଞ୍ଚିଥିଲେ। ଉଭୟ ପକ୍ଷକୁ ପୋଲିସ ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ପରେ ଭାଜପା ପକ୍ଷରୁ ରାସ୍ତା ନିର୍ମାଣ କରାଯାଇଥିଲା। ରାସ୍ତା ନିର୍ମାଣ ସ୍ଥଳରେ ଗଣ୍ଡଗୋଳ ଆଶଙ୍କା ଥିବାରୁ ସେଠାରେ ପୋଲିସ ମୁତୟନ କରାଯାଇଛି।

# ଏଏମ୍‌ବି ସ୍କୁଲର ବାର୍ଷିକୋତ୍ସବ



ଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି।

ଧାମନଗର, ୨୪।୧୨
(ଦେବେନ୍ଦ୍ର ଆନ୍ଦିଆ)

ଧାମନଗର ବ୍ଲକ ମୁସ୍ତାଫାପୁର ପଞ୍ଚାୟତର ଦୋବଲ କାଳୀପଡ଼ିଆରେ ଏଏମ୍‌ବି ଇଂଲିଶ ମାଧ୍ୟମ ସ୍କୁଲର ୧୬ତମ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରତିଷ୍ଠାତା ସେକ ଆଜାଦ ଅଲ୍ଲୀଙ୍କ ସଂଯୋଜନାରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଚିତ୍ତରଞ୍ଜନ ଦାଶ କହିଥିଲେ, ଶିକ୍ଷକ, ଶିକ୍ଷାୟତନ ଓ ଶିକ୍ଷା ସହ ଅଭିଭାବକଙ୍କ ମଧ୍ୟରେ ସଚେତନତା ସୃଷ୍ଟି ହେଲେ ଶିକ୍ଷାର ପରିବର୍ତ୍ତନ ହେବ। ମୂଲ୍ୟବୋଧଭିତ୍ତିକ ଶିକ୍ଷା ପ୍ରଣୟନ ହେଲେ ଛାତ୍ରୀଛାତ୍ର ରୋଜଗାରକ୍ଷମ ହେବା ସହ ରାଷ୍ଟ୍ର ଗଠନରେ ସହାୟକ ହୋଇପାରିବେ। ଅନ୍ୟତମ ବକ୍ତା ଭାବେ ଶିକ୍ଷକ ମନୋଜ କୁମାର ସିଂହ ଯୋଗଦେଇ ଶିକ୍ଷା ଖସଡ଼ାରେ ଦେଶର ଐତିହ୍ୟ, ବିଭବକୁ ସ୍ଥାନ ଦେଲେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଦେଶପ୍ରୀତି, ଦେଶପ୍ରେମ ଓ ଜାତୀୟତା ଭାବ ଉଦ୍ରେକ ହୋଇପାରିବ ବୋଲି କହିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଶୈଳବାଳା ସିଂ, ପ୍ରମିଳା ଦାସ, ସଂଯୁକ୍ତା ଦାସ, ପୂର୍ଣ୍ଣିମା ଦାସ, ପ୍ରାର୍ଥନା ଦାସ, ଅବଦୁଲ ରହମାନ, ଜୀବନ ସାମଲ, ରଣେନ୍ଦ୍ର ପରିଡ଼ା ପ୍ରମୁଖ ଶିକ୍ଷୟିତ୍ରୀ ଶିକ୍ଷକ କାର୍ଯ୍ୟକ୍ରମ ପରିଚାଳନା କରିଥଲେ। ବିଦ୍ୟାଳୟର ପ୍ରତିଷ୍ଠାତା ଆଜାଦ ଅଲ୍ଲୀ ବକ୍ତବ୍ୟରେ କହିଥିଲେ, ଏହିବର୍ଷଠାରୁ ଯେଉଁ ମା' ବାପା ସେମାନଙ୍କ ପିଲାଙ୍କୁ ପାଠ ପଢ଼ାଇବା ପାଇଁ ସକ୍ଷମ ହେଉନାହାନ୍ତି, ତାଙ୍କ ତରଫରୁ ୧୫ଜଣ ଗରିବ ଅସହାୟ ପିଲାଙ୍କୁ କଲେଜ ପର୍ଯ୍ୟନ୍ତ ମାଗଣା ପଢ଼ାଇବା ପାଇଁ ଘୋଷଣା କରିଥିଲେ। ଛାତ୍ରୀଛାତ୍ର ପ୍ରଜ୍ଞା ପରମିତା ଆନ୍ଦିଆ ଓ ପ୍ରତୀକ ମହାନ୍ତି ଧନ୍ୟବାଦ ଦେଇଥିଲେ।

# ସମବାୟ ସମ୍ପାଦକଙ୍କ ବିରୋଧରେ ଋଣ ଜାଲିଆତି ଅଭିଯୋଗ

ଚାନ୍ଦବାଲି,୨୪।୧୨(କିଷାନ ପାତ୍ର)

ଚାଷୀଙ୍କ ଜାଲ୍ ଦସ୍ତଖତ କରି ସମବାୟ ବ୍ୟାଙ୍କ ଖାତାରୁ ଋଣ ଜାଲିଆତି କରି ସମିତି ସମ୍ପାଦକ ଉଠାଇ ନେଇଥିବା ଥାନାରେ ଅଭିଯୋଗ ହୋଇଛି। ମଙ୍ଗଳବାର ସନ୍ଧ୍ୟାରେ ଚାଷୀ ଗଙ୍ଗାଧର ବେହେରା ଚାନ୍ଦବାଲି ବ୍ଲକ ଭାଟପଡ଼ା କୃଷି ପ୍ରାଥମିକ ସେବା ସମବାୟ ସମିତି ସମ୍ପାଦକଙ୍କ ବିରୋଧରେ ଏଭଳି ଅଭିଯୋଗ କରିଛନ୍ତି। ଗତ ଜୁନ୍ ୩ରେ ଚାଷୀ ଗଙ୍ଗାଧରଙ୍କ ବ୍ୟାଙ୍କ ଖାତାରେ ଜାଲ୍ ଦସ୍ତଖତ କରି ସମ୍ପାଦକ ୧୦ ହଜାର ଟଙ୍କା ଋଣ ଉଠାଇ ନେଇଛନ୍ତି। ପ୍ରାୟ ଶତାଧିକ ଚାଷୀଙ୍କ ନାମରେ ଏମିତି ଜାଲ୍ ଦସ୍ତଖତରେ ଋଣ ହୋଇଥିବା ଏତଲାରେ ଦର୍ଶାଯାଇଛି। ଏନେଇ ସମ୍ପାଦକ ଗଙ୍ଗାଧର ନାୟକଙ୍କୁ ପଚାରିବାରୁ ସେମାନେ ଋଣ ଦେଇଛନ୍ତି, କାଗଜପତ୍ର ଯାଞ୍ଚ କଲେ ଜଣାପଡ଼ିବ ବୋଲି କହିଛନ୍ତି। ଅଭିଯୋଗ ଆଧାରରେ ତଦନ୍ତ ଚାଲିଛି। ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚାନ୍ଦବାଲି ଥାନା ଅଧିକାରୀ ପଞ୍ଚାନନ ମହାନ୍ତି କହିଛନ୍ତି।

# ଜିଲା କଂଗ୍ରେସର ବିକ୍ଷୋଭ



ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଅନୁଷ୍ଠିତ ପ୍ରତିବାଦ ସଭାରେ କଂଗ୍ରେସ ନେତା।

ଭଦ୍ରକ,୨୪।୧୨ (ସନାତନ ରାଉତ)

ସମ୍ବିଧାନ ପ୍ରଣେତା ଡ. ବି. ଆର୍. ଆମ୍ବେଡ୍‌କରଙ୍କ ପ୍ରତି ସ୍ୱରାଷ୍ଟ୍ର ମନ୍ତ୍ରୀ ଦେଇଥିବା ଅପମାନ ସୂଚକ ମନ୍ତବ୍ୟ ପ୍ରତିବାଦରେ ଭଦ୍ରକ ଜିଲା କଂଗ୍ରେସ କମିଟି ପକ୍ଷରୁ ମଙ୍ଗଳବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ଓ ପ୍ରତିବାଦ ସଭା କରାଯାଇଛି। କଂଗ୍ରେସର ଏକ ପ୍ରତିନିଧି ଦଳ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛି। ଜିଲା କଂଗ୍ରେସ ସଭାପତି ତଥା ବାସୁଦେବପୁର ବିଧାୟକ ଅଶୋକ ଦାସଙ୍କ ନେତୃତ୍ୱରେ ଜିଲା କଂଗ୍ରେସ କାର୍ଯ୍ୟାଳୟରୁ ଏକ ଶୋଭାଯାତ୍ରା ବାହାରି ବିଭିନ୍ନ ନାରା ଦେଇ ସହର ପରିକ୍ରମା କରି ଜିଲାପାଳଙ୍କ ଅଫିସ ଆଗରେ ପହଞ୍ଚିଥିଲା।

ସେଠାରେ ଜିଲା କଂଗ୍ରେସର କାର୍ଯ୍ୟକାରୀ ସଭାପତି ଦେବରୂପ ମହାନ୍ତିଙ୍କ ସଭାପତିତ୍ୱରେ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ବିଧାୟକ ଦାସ, ବରିଷ୍ଠ ନେତା ଦେବେନ୍ଦ୍ର ମହାନ୍ତି, ଦଳିତ ନେତା ରାଜେନ୍ଦ୍ର ପ୍ରସାଦ ଜେନା, ଦଳୀୟ ନେତା ଅମିୟ ମହାପାତ୍ର, ଦିଗମ୍ବର ଦାସ, ସୁବ୍ରତ ଦାସ, ରଞ୍ଜନ ବେହେରା, ବିଦ୍ୟାଧର ଜେନା, ଜିଲା ମହିଳା ସଭାନେତ୍ରୀ ସବିତା ଚାନ୍ଦ, ଅମିତା ଆଚାର୍ଯ୍ୟ, ଜ୍ୟୋତ୍ସ୍ନାରାଣୀ ପତି, ଟାଉନ ସଭାପତି ମୁକିତ ଖାଁ, ତିହିଡ଼ି ବ୍ଲକ ସଭାପତି ସରୋଜ ଦାସ, ଧାମନଗର ବ୍ଲକ ସଭାପତି ରମେଶ ବେହେରା, ଚାନ୍ଦବାଲି ବ୍ଲକ ସଭାପତି ବୈଲୋଚନ ପଣ୍ଡା, ଭଣ୍ଡାରିପୋଖରୀ ବ୍ଲକ ସଭାପତି ବାବୁଲି ଚାନ୍ଦ, ଯୁବନେତା ବଳରାମ ରାଉତ ପ୍ରମୁଖ ଯୋଗଦେଇ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କୁ ମନ୍ତ୍ରିମଣ୍ଡଳରୁ ବହିଷ୍କାର କରାଯାଉ ଏବଂ ସଂସଦ ଭବନରେ ସେ କ୍ଷମା ପ୍ରାର୍ଥନା କରନ୍ତୁ ବୋଲି ଦାବି କରିଥିଲେ। କାଉନସିଲର ସାହିଲ ବାବୁ, ପୂର୍ବତନ କାଉନସିଲର କଲାମ ବାବୁ, ସଂଖ୍ୟାଲଘୁ ନେତା ଲାଲୁ ବାବୁ, ବାପୁଜୀ ପରିଡ଼ା, ଶଶିକାନ୍ତ ଜେନା, ପୂର୍ବତନ ସରପଞ୍ଚ ଭରତ ଚନ୍ଦ୍ର ତ୍ରିପାଠୀ, ପୀତବାସ ଧଳ, ଯୁବନେତା ଇଲିୟାସ୍ ଖାଁ, ରଞ୍ଜନ ଜେନା, ବାସୁଦେବପୁର ଯୁବ କଂଗ୍ରେସ ସଭାପତି ସିଦ୍ଧାର୍ଥ ଦାସ, ମନୋରଞ୍ଜନ ପାଢ଼ୀ, ସୁଶାନ୍ତ ମହାକୁଡ଼, ଆଲୋକ ସ୍ୱାଇଁ, ଭଣ୍ଡାରିପୋଖରୀ ବ୍ଲକ ସଭାନେତ୍ରୀ ଜ୍ୟୋତ୍ସ୍ନାରାଣୀ ଜେନା, ପୂର୍ବତନ ସରପଞ୍ଚ ଧରିତ୍ରୀ ଜେନା ପ୍ରମୁଖ ବିକ୍ଷୋଭରେ ସାମିଲ ଥିଲେ।

# ବନ୍ତରେ ନୂତନ ସିଡିପିଓ

ବନ୍ତ,୨୪।୧୨ (ହରିନାରାୟଣ ମହାନ୍ତି)

ବନ୍ତ ବ୍ଲକରେ ଗତ କିଛିମାସ ଧରି ସ୍ଥାୟୀ ସିଡିପିଓ ନ ଥିଲେ। ଫଳରେ ବିଭିନ୍ନ କାର୍ଯ୍ୟରେ ବାଧା ଉପୁଜୁଥିଲା। ଭଦ୍ରକ ବ୍ଲକର ସିଡିପିଓ ରାଜଶ୍ରୀ ଗୋସ୍ୱାମୀ ବନ୍ତ ବ୍ଲକ ଦାୟିତ୍ୱରେ ରହି କାର୍ଯ୍ୟ କରୁଥିଲେ। ଏ ପରିପେକ୍ଷୀରେ ମଙ୍ଗଳବାର ବନ୍ତ ବ୍ଲକରେ ନୂତନ ସିଡିପିଓ ଆଲାଦି ମାରାଣ୍ଡି କାର୍ଯ୍ୟରେ ଯୋଗ ଦେଇଛନ୍ତି। ଏହାପୂର୍ବରୁ ସେ ଉଦଳା ବ୍ଲକରେ ସିଡିପିଓ ଥିଲେ। ମଙ୍ଗଳବାର ବନ୍ତରେ କାର୍ଯ୍ୟରେ ଯୋଗଦେବା ପରେ ନୂତନ ସିଡିପିଓଙ୍କୁ ବିଭାଗର ସମସ୍ତ କର୍ମଚାରୀ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ନୂତନ ସିଡିପିଓଙ୍କ ଦାୟିତ୍ୱ ଗ୍ରହଣ ପରେ ସମସ୍ତ କାର୍ଯ୍ୟ ସୂଚାରୁରୂପେ ଚାଲିବ ବୋଲି ଜଣାଯାଇଛି।

# ରେଳପଥରୁ ଲୁହାପ୍ଲେଟ୍ ଚୋରି, ୨ ଗିରଫ

ତିହିଡ଼ି,୨୪।୧୨(ସଞ୍ଜିତ ବଳ)

ଭଦ୍ରକ-ଧାମରା ରେଳପଥର ନନ୍ଦପୁର ନିକଟରେ ଲୁହାପ୍ଲେଟ୍ ଚୋରି ଅଭିଯୋଗରେ ୨ ଯୁବକଙ୍କୁ ପୋଲିସ ସୋମବାର ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ୨ ଯୁବକ ହେଉଛନ୍ତି ତିହିଡ଼ି ଥାନା ଅଧୀନ ପାଳିଆବିନ୍ଧା ଗ୍ରାମର ଦିଲ୍‌ଜାନ ସାହା ଓ ରାଜେଶ ସାହା। ଏହି ଘଟଣାରେ ତିହିଡ଼ି ଥାନାରେ ଏକ ମାମଲା(ନଂ.୩୮୨/୨୪) ରୁଜୁ ହୋଇଛି। ଦିଲ୍‌ଜାନ ଓ ରାଜେଶ ପୂର୍ବରୁ ରେଳପଥର ନନ୍ଦପୁର ନିକଟରେ ଖୁଣ୍ଟି ନଂ. ୧୯/୪୬ ଓ ୨୦/୪୬ ମଧ୍ୟରେ ଥିବା ରେଲ୍‌ୱେ ଟ୍ରାକ୍‌ରୁ ୮ଟି ଜଗଲ ଲୁହାପ୍ଲେଟ୍ ଖୋଲି ଚୋରି କରି ନେଇଥିଲେ।

# 'ସାହିତ୍ୟର ସୃଷ୍ଟି ମଣିଷର ଭାବାବେଗରୁ ଆରମ୍ଭ ହୋଇଥାଏ'

ବନ୍ତ,୨୪।୧୨(ହରିନାରାୟଣ ମହାନ୍ତି)



ଉତ୍ସବରେ ଜଣେ ନୃତ୍ୟଶିଳ୍ପୀ ମଞ୍ଚରେ ନୃତ୍ୟ ପରିବେଷଣ କରୁଛନ୍ତି।

ସାହିତ୍ୟର ସୃଷ୍ଟି ମଣିଷର ଭାବାବେଗରୁ ଆରମ୍ଭ ହୋଇଥାଏ ବୋଲି ମଙ୍ଗଳବାର ବନ୍ତ ବ୍ଲକର ଜାମିତୀରାଠାରେ କବିତା ପାଠ ଉତ୍ସବ, ପୁସ୍ତକ ଲୋକାର୍ପଣ ଓ ସମ୍ବର୍ଦ୍ଧନା ସଭାରେ ଅତିଥିମାନେ କହିଛନ୍ତି। ରାମ ଗୋବିନ୍ଦ ସଂସଦ ଆନୁକୂଲ୍ୟରେ ଶିଶୁ ସାହିତ୍ୟିକ ଗୋବିନ୍ଦ ଚନ୍ଦ୍ର ବାରିକଙ୍କ ସଭାପତିତ୍ୱରେ ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ହାଟଡିହୀ ବ୍ଲକର ପୂର୍ବତନ ଅଧ୍ୟକ୍ଷ ପର୍ଶୁରାମ ପେଡା, ମୁଖ୍ୟବକ୍ତା ଗାୟକ ଗୋବିନ୍ଦ ଚନ୍ଦ୍ର ପାଣିଗ୍ରାହୀ, ଉଦ୍‌ଘାଟକ ଶିକ୍ଷାବିତ୍ ଗଣେଶ ପ୍ରସାଦ କରଶର୍ମା ଏବଂ ସମ୍ମାନିତ ଅତିଥି ଭାବେ କବି ଜଗନ୍ନାଥ ପାତ୍ର, ନାଟ୍ୟକାର ସୁଧାଂଶୁ ଶେଖର ନାୟକ, ସାହିତ୍ୟିକ ପ୍ରଫୁଲ୍ଲ କୁମାର ଚକ୍ର, ଶିକ୍ଷାବିତ୍ ଡ. ଶୁଭେନ୍ଦ୍ର କୁମାର ମିଶ୍ର ପ୍ରମୁଖ ଯୋଗଦେଇଥିଲେ। କବି ଦାଶରଥି ଜେନା ଓ ହାସ୍ୟମୟୀ ରାଜଙ୍କ ସଂଯୋଜନାରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ବରିଷ୍ଠ ନାଗରିକ ତଥା ଶିଳ୍ପପତି ପର୍ଶୁରାମଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସାହିତ୍ୟିକ ନାରାୟଣ ଚନ୍ଦ୍ର ଲେଙ୍କାଙ୍କ ରଚିତ କବିତା ସଙ୍କଳନ 'ଜୀବନ ଫୁଲ' ଲୋକାର୍ପଣ କରାଯାଇଛି। କବି ରମାକାନ୍ତ ଜେନା ଅତିଥି ପରିଚୟ ପ୍ରଦାନ ଓ ପ୍ରଫୁଲ୍ଲ ଲେଙ୍କା ଉଦ୍ଦେଶ୍ୟ ଜ୍ଞାପନ, ଅର୍ପିତା ମଳିକ ସ୍ୱାଗତ ନୃତ୍ୟ ପରିବେଷଣ କରିଥିଲେ।

# କ୍ୟାନ୍‌ସର ପୀଡ଼ିତଙ୍କୁ ସହାୟତା

ଭଣ୍ଡାରିପୋଖରୀ,୨୪।୧୨
(ରାଜେନ୍ଦ୍ର ଶତପଥୀ)

ଭଣ୍ଡାରିପୋଖରୀ ବ୍ଲକ ମାଳଦା ପଞ୍ଚାୟତ ଅଧୀନ ରଘୁନାଥପୁର ଗ୍ରାମର କ୍ୟାନ୍‌ସର ପୀଡ଼ିତ ଭୀମା ସାହୁଙ୍କୁ ସାପ ସଙ୍ଗଠନ ସଦସ୍ୟ ତଥା ବ୍ଲକ ଉପାଧ୍ୟକ୍ଷ ପ୍ରଣୀତକାନ୍ତି ସାମଲ ସହାୟତାର ହାତ ବଢ଼ାଇଛନ୍ତି। ସେ ତାଙ୍କ ଘରେ ପହଞ୍ଚି ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିବା ସହ ସାହାଯ୍ୟ ସହଯୋଗ ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି। ତାଙ୍କ ସହ ସଙ୍ଗଠନର ପ୍ରକାଶ ମହାପାତ୍ର, ସଞ୍ଜୀବ ରାଉତ, ଆକାଶ ନାୟକ, ସୌମ୍ୟରଞ୍ଜନ ଜେନା, ଶରତ ପଲାଇ, ମିଲନ ଜେନା, ରବୀନ୍ଦ୍ର ଜେନା, ସାମାଜିକ କର୍ମୀ ଭରତ ଭୂଷଣ ନାଥ, ନୀଳମଣି ବୋଇତେଇ, କୃଷ୍ଣଚନ୍ଦ୍ର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# କ୍ଷେତରେ ଭିଜୁଛି ଅମଳ ଧାନ

ଧାମନଗର,୨୪।୧୨
(ଦେବେନ୍ଦ୍ର ଆନ୍ଦିଆ)

ଧାନ ଅମଳ ସମୟରେ ଅଦିନିଆ ବର୍ଷା ଚାଷୀଙ୍କ ମେରୁଦଣ୍ଡ ଦୋହଲାଇ ଦେଇଛି। ପୁଣି ଏକ ଲଘୁଚାପ ଆସୁଛି ଶୁଣି ଚାଷୀମାନେ ଚିନ୍ତାରେ ପଡ଼ିଯାଇଛନ୍ତି। ଧାନ ମଣ୍ଡିକୁ ଆଣିବା ସ୍ଥିତିରେ ନାହିଁ। ଗତ ସପ୍ତାହରେ କୋହଲା ପାଗ ସାଙ୍ଗକୁ ଲଗାଣ ବର୍ଷା ହୋଇଥିଲା। କ୍ଷେତରୁ ଅମଳ ହେବାକୁ ଥିବା ଧାନ ବର୍ଷାରେ ଭିଜିଲା। ଶୁଖିଲା ପାଗକୁ ଦେଖି ଓଦା ହୋଇଥିବା ଧାନକୁ ଶୁଖାଇବା ପାଇଁ ଚାଷୀମାନେ ଦିନରାତି ଏକ କରିଦେଇଛନ୍ତି। ବିଲରେ ଥିବା ଧାନକୁ କାଟିବାରେ ଲାଗିଛନ୍ତି। କିଛି ଧାନ କଟା ହୋଇ ବିଲରେ ପଡ଼ି ରହିଛି। ପାଗ ଶୁଖିଲା ହେଲେ ଅମଳ ଧାନ କ୍ଷେତରୁ ଖଳାକୁ ଆସିବ। ମଙ୍ଗଳବାର ଦିନସାରା ମେଘୁଆ ପାଗ ସାଙ୍ଗକୁ ଝିପି ଝିପି ବର୍ଷା ଲାଗି ରହିଥିଲା। ୨୪ ତାରିଖରୁ ବର୍ଷା ହେବ ବୋଲି ପୂର୍ବାନୁମାନ ଶୁଣି ଚାଷୀମାନେ ନିରାଶ ହୋଇଛନ୍ତି।

ଧାମନଗର ବ୍ଲକର ଦଳାଙ୍ଗ, କରଦା, ସୋହଡ଼ା, ପଧାନି, ପଳିକିରି, ରାମେଶ୍ୱରପୁର, ଖପରପଦା, କାଞ୍ଜିଆପାଳ, ଜାହାଙ୍ଗୀର, ଫଳପୁର, ଖଡ଼ିପଦା, ଦେହୁଡ଼ି ଆନନ୍ଦପୁର, ଧୂଷୁରୀ ଅଞ୍ଚଳରେ ଏବେ ଧାନ ଅମଳ ସମୟ। ଧାମନଗର ଏକ ବନ୍ୟାଞ୍ଚଳ ହୋଇଥିବାରୁ ବିଳମ୍ବରେ ଧାନ ଅମଳ ହୋଇଥାଏ। ଡିସେମ୍ବର ଶେଷ ଆଡ଼କୁ କ୍ଷେତରୁ ଧାନ ଉଠାଯାଇଥାଏ। ଧାନ କଟା ହୋଇ ବିଲରେ ପଡ଼ିଥିବା ବେଳେ ଲଘୁଚାପ ବର୍ଷା ଚାଷୀଙ୍କ ଚିନ୍ତା ବଢ଼ାଇ ଦେଇଛି। କିଛି ଚାଷୀ ଧାନ ବାନ୍ଧି ଶୁଖିଲେ ଉଠାଇବାକୁ ଅପେକ୍ଷା କରିଥିବାବେଳେ କିଛି ଚାଷୀ ଧାନ କାଟି ବିଲରେ ପକାଇ ରଖିଛନ୍ତି। ଏବେ ବର୍ଷାରେ ଧାନ ସବୁ ଭିଜିଯାଇଛି। ହେକ୍ଟର ହେକ୍ଟର କ୍ଷେତରେ ଧାନ ଭିଜୁଥିବା ବେଳେ କେତେକ କ୍ଷେତରେ ପନିପରିବା ଫସଲ ମଧ୍ୟ ନଷ୍ଟ ହୋଇଛି। ଚଳିତବର୍ଷ ବ୍ଲକରେ ୧୭ ହଜାର ୨୧୦ ହେକ୍ଟର ଜମିରେ ଧାନଚାଷ ହୋଇଥିଲା। ଚାଷୀମାନେ ବିଭିନ୍ନ ସଂସ୍ଥାରୁ ଋଣ ଆଣି ଚାଷ କରିଥିବା ବେଳେ ଅଦିନିଆ ବର୍ଷା ଯୋଗୁ ଫସଲ ନଷ୍ଟ ହୋଇଥିବାରୁ ସେମାନେ ଚିନ୍ତାରେ ପଡ଼ିଛନ୍ତି।

## ସଂକ୍ଷେପରେ

### ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ

ପାଟଣା, ୨୪।୧୨(ବୀରକିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ଥାନା ଡିଆନାଳି ଗ୍ରାମ ମୁଣ୍ଡା ସାହିର ବାବୁଲା ମୁଣ୍ଡାଙ୍କ ସ୍ତ୍ରୀ ସୁକୁମାରୀ (୨୬)ଙ୍କ ଗତ ରବିବାର କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ଅଞ୍ଚଳକୁ ଦିନ ମଜୁରିଆ ଭାବେ କାମ କରିବାକୁ ଯାଇଥିବା ବେଳେ ସନ୍ଦେହଜନକ ଭାବେ ମୃତ୍ୟୁ ଘଟିଛି। ସୁକୁମାରୀ ମା'ଙ୍କ ଅଭିଯୋଗ ଅନୁଯାୟୀ, ରବିବାର ଝିଅ ଓ ଜ୍ୱାଇଁ ବାବୁଲି ମହାକାଳପଡ଼ାର ଏକ ଦୋକାକୁ ଯାଇଥିବା ବେଳେ କୌଣସି କାରଣରୁ ଦୁହିଁଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ବାବୁଲି ଉତ୍ତ୍ୟକ୍ତ ହୋଇ ମାନସିକ ଭାରସାମ୍ୟ ହରାଇ ସୁକୁମାରୀଙ୍କୁ ତଣ୍ଟି ଚିପି ହତ୍ୟା କରିଥିବା କହିଛନ୍ତି। ଏହାପରେ ପରିବାର ଲୋକେ ମହାକାଳପଡା ଯାଇ ମୃତଦେହ ଆଣି ସୋମବାର ସନ୍ଧ୍ୟାରେ ଡିଆନାଳି ଚତୁରି ସାହିସ୍ଥିତ ବାପଘରେ ରଖିଥିଲେ। ଘଟଣା ସନ୍ଦେହଘେରରେ ରହିଛି। ଏଏସ୍‌ଆଇ ଲକ୍ଷ୍ମଣ ମାଝି ଏକ ଅପମୃତ୍ୟୁ ମାମଲା(ନଂ. ୭୫/୨୪) ରୁଜୁ କରି ମଙ୍ଗଳବାର ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଶବ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି। ଏନେଇ ପାଟଣା ଥାନା ଅଧିକାରୀ ମାନସ କୁମାର ମହାକୁଡଙ୍କୁ ପଚାରିବାରୁ ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ଯାହା କିଛି ସ୍ପଷ୍ଟ ହେବ ବୋଲି କହିଛନ୍ତି।

### ୨୭ରେ ରିଜିଓନାଲ ଭେଟେରିନାରି କ୍ରିକେଟ ଟୁର୍ନାମେଣ୍ଟ

ବଡଲା, ୨୪।୧୨(ଦୁର୍ଗାପ୍ରସାଦ ଆୟଚ)

କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ସୋସୋ ମିନି ଷ୍ଟାଡିୟମରେ ରିଜିଓନାଲ ଭେଟେରିନାରି କ୍ରିକେଟ ଆସୋସିଏଶନ(ଆରଭିସିଏ) ପକ୍ଷରୁ ୬ମ ବାର୍ଷିକ କ୍ରିକେଟ ଟୁର୍ନାମେଣ୍ଟ ୨୭ତାରିଖରେ ଅନୁଷ୍ଠିତ ହେବ। ଏନେଇ କମିଟି ସଭାପତି ଡ. ମନମୋହନ ରାଉତ ଓ ସମ୍ପାଦକ ସୋମନାଥ ଦାସ ସୂଚନା ଦେଇଛନ୍ତି । ଏଥିରେ ୩୦ରୁ ଊର୍ଦ୍ଧ୍ୱ ବୟସ ଓ ଅବସର ଗ୍ରହଣ କରିଥିବା ବ୍ୟକ୍ତିଙ୍କୁ ନେଇ କ୍ରିକେଟ ପ୍ରତିଯୋଗିତା କରାଯାଇ ସ୍ୱାସ୍ଥ୍ୟକୁ ଫିଟ୍ ରଖିବାରେ ଏକ ପ୍ରୟାସ ବୋଲି ଆରଭିସିଏର ସଭାପତି ଓ କର୍ମକର୍ତ୍ତାମାନେ ସୂଚନା ଦେଇଛନ୍ତି।

# ଭାରତୀୟ ବିଜ୍ଞାନ ସମାବେଶୀ ବିକାଶର ମନ୍ତ୍ରଦାତା: ହରିହର

କେନ୍ଦୁଝର, ୨୪।୧୨
(ନରେଶ ଚନ୍ଦ୍ର ପଟ୍ଟନାୟକ)

ଭାରତୀୟ ବିଜ୍ଞାନ ସମାବେଶୀ ବିକାଶର ମନ୍ତ୍ରଦାତା ବୋଲି ବିଜ୍ଞାନ ଭାରତୀ ଆନୁକୂଲ୍ୟରେ ଆୟୋଜିତ ମେଧାବୀ ଅନ୍ୱେଷଣ ପ୍ରତିଯୋଗିତା ବିଦ୍ୟାର୍ଥୀ ବିଜ୍ଞାନ ମନ୍ଥନର ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ପ୍ରାକ୍ତନ ପ୍ରାଧ୍ୟାପକ ହରିହର ମିଶ୍ର କହିଛନ୍ତି। କେନ୍ଦୁଝରସ୍ଥିତ ସରକାରୀ ମହିଳା ମହାବିଦ୍ୟାଳୟରେ ଆୟୋଜିତ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ପ୍ରଭାକର ନାଏକ ପୌରୋହିତ୍ୟ କରିଥିଲେ। ରସାୟନ ବିଜ୍ଞାନ ପ୍ରଫେସର ବିଷ୍ଣୁଚରଣ ଦାଶ ବିଜ୍ଞାନ ଶିକ୍ଷାରେ ପରୀକ୍ଷଣର ଗୁରୁତ୍ୱ ବୁଝାଇଥିଲେ। ଆର୍. କେ. ସାହୁ ଓ ସୁରେଶ ଚନ୍ଦ୍ର ଜେନା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏବର୍ଷ ସାରା ଦେଶରେ ପ୍ରାୟ ୧ଲକ୍ଷ ୫୫ ହଜାର ସ୍କୁଲ ଛାତ୍ରୀଛାତ୍ର ଏହି ମେଧା ଅନ୍ୱେଷଣ ପ୍ରତିଯୋଗିତାରେ ଭାଗନେଇଛନ୍ତି। ଓଡିଶାର ପାଖାପାଖି ୪୦୦୦ ପ୍ରତିଭାଗୀଙ୍କ ମଧ୍ୟରୁ ୧୦୦ଜଣ ଛାତ୍ରୀଛାତ୍ର କେଉଁଝରଠାରେ ଆୟୋଜିତ ରାଜ୍ୟସ୍ତରୀୟ କ୍ୟାମ୍ପରେ ଭାଗନେଇଥିଲେ। ଡଃ ବି.କେ. ଗିରି, ନିହାରରଞ୍ଜନ ସିଂହ, ରବୀନ୍ଦ୍ର ରାଉତ, ରଞ୍ଜିତା ମହନ୍ତ, ଶୁଭଲକ୍ଷ୍ମୀ ସାହୁ, ଡଃ ଲିପନ ପ୍ରଧାନଙ୍କ ସମେତ ୧୯ଜଣ ବିଶେଷଜ୍ଞ ମୂଲ୍ୟାୟନ କରି ବିଭିନ୍ନ ବିଭାଗର ୧୮ଜଣ ପ୍ରତିଭାଗୀଙ୍କୁ ଚୟନ କରିଥିଲେ। ସେମାନଙ୍କୁ ଓଡିଶା ବିଜ୍ଞାନ ମଣ୍ଡଳ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ପୁରସ୍କୃତ କରାଯାଇ ୬୦ହଜାର ଟଙ୍କାର ନଗଦ ପୁରସ୍କାର, ମାନପତ୍ର ଓ ସ୍ମୃତିଚିହ୍ନ ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଥିଲା। କିଟ୍ ବିଶ୍ୱବିଦ୍ୟାଳୟର ପ୍ରଫେସର ଗୋପାଳ ଚୌଧୁରୀ ପର୍ଯ୍ୟବେକ୍ଷକ ଭାବେ ଯୋଗଦେଇ ବିଜ୍ଞାନ ମନସ୍କତାର ଆବଶ୍ୟକତା ବିଷୟରେ ବୁଝାଇଥିଲେ। ଅଧ୍ୟାପକ ଜ୍ୟୋତିରଞ୍ଜନ ଜେନା ଓ ଅଧ୍ୟାପକ ଦିବ୍ୟକିଶୋର ପଣ୍ଡା ଆବାହକତ୍ୱ କରିଥିଲେ। ବିଜ୍ଞାନ ଭାରତୀ ପଦାର୍ଥବିଜ୍ଞାନ, ରସାୟନବିଜ୍ଞାନ, ଗଣିତ ସହ ଭାରତୀୟ ଜ୍ଞାନବିଜ୍ଞାନ ବିଷୟରେ ଏହି ପ୍ରତିଯୋଗିତାର ପ୍ରଶ୍ନପତ୍ର ପ୍ରସ୍ତୁତ କରୁଥିବାରୁ ପ୍ରଶଂସାର ପାତ୍ର। ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରଫେସର ପ୍ରଭୁ ପ୍ରସାଦ ଦାସ ଭାରତୀୟମାନଙ୍କ ବିଜ୍ଞାନପଟଳକୁ ଅବଦାନ ଉପରେ ଆଲୋକପାତ କରିଥିଲେ। ଅଧ୍ୟାପକ ସତ୍ୟବ୍ରତ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଅଧ୍ୟାପକ ଲିଟୁ ମଲ୍ଲିକ କାର୍ଯ୍ୟକ୍ରମରେ ଧନ୍ୟବାଦ ଅର୍ପଣ କରିଥିଲେ।



# କେନ୍ଦୁଝର ଛାତ୍ରୀଛାତ୍ରଙ୍କ ସଫଳତା

## ଅନ୍ତର୍ଜାତୀୟ ଆବାକସ୍ ପ୍ରତିଯୋଗିତା

କେନ୍ଦୁଝର, ୨୪।୧୨
(ନରେଶ ଚନ୍ଦ୍ର ପଟ୍ଟନାୟକ)



ଟ୍ରଫି ସହ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀମାନେ।

ଚଳିତ ମାସ ୧୪ ଓ ୧୫ ତାରିଖ ଦୁଇଦିନ ଧରି ଦିଲ୍ଲୀ ବିଶ୍ୱବିଦ୍ୟାଳୟ ନର୍ଥ କ୍ୟାମ୍ପସ ପରିସରରେ ୟୁସିମାସ ମାଲେସିଆ ଓ ୟୁସିମାସ ଇଣ୍ଡିଆ ପକ୍ଷରୁ ଅନୁଷ୍ଠିତ ଅନ୍ତର୍ଜାତୀୟ ଆବାକସ୍ ପ୍ରତିଯୋଗିତାରେ କେନ୍ଦୁଝରର ଛାତ୍ରୀଛାତ୍ର ସଫଳତା ହାସଲ କରିଛନ୍ତି। ୩୬ଟି ଦେଶରୁ ୬୦୦୦ରୁ ଅଧିକ ଶିଶୁ ଏହି ପ୍ରତିଯୋଗିତାରେ ଭାଗ ନେଇଥିଲେ। ସ୍ଥାନୀୟ ମାଇନିଂ ରୋଡ୍‌ସ୍ଥିତ ୟୁସିମାସ, କେନ୍ଦୁଝର ପକ୍ଷରୁ ୧୧ଜଣ ଛାତ୍ରୀଛାତ୍ର ଅନୁଷ୍ଠାନର ପରିଚାଳିକା କଳ୍ପନା ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ବିଭିନ୍ନ ବର୍ଗରେ ତୃତୀୟ ରନରଅପ୍ ଭାବେ ୧୧ ଛାତ୍ରୀଛାତ୍ର ପୁରସ୍କୃତ ହୋଇଛନ୍ତି। ଏଥିସହ ବିଭିନ୍ନ ପ୍ରତିଯୋଗୀ ଦେଶର ୟୁସିମାସ କର୍ମକର୍ତ୍ତାଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇଛନ୍ତି। କୃତୀ ଛାତ୍ରୀଛାତ୍ର ହେଲେ ପ୍ରିୟାଂଶୁ ଦାଶ, ନିହଲ ମହାନ୍ତି, ନିବ୍ରିତି ନାଏକ, ଓମ୍‌ପ୍ରକାଶ ମାଝୀ, ସୌଭୀତ୍ କର, ଦୁର୍ଗାମାଧବ ପଣ୍ଡା, ରାଜ୍‌ବୀର କେରାଇ, ସାଇ ସ୍ୱନ୍ଦନ ଖିଲାର, ଅର୍ପିତ ବାରିକ, ଶରନ୍ୟା ସାମଲ ଓ ଆୟୁଷ୍ମାନ ମିଶ୍ର। ସେମାନଙ୍କ ଅଭିଭାବକମାନଙ୍କ ନିକଟକୁ ଶୁଭେଚ୍ଛାର ସୁଅ ଛୁଟିଛି।

### ଶିଶୁ ବିଦ୍ୟାମନ୍ଦିରର ବାର୍ଷିକୋତ୍ସବ

କେନ୍ଦୁଝର, ୨୪।୧୨ (ନରେଶ ଚନ୍ଦ୍ର ପଟ୍ଟନାୟକ)

କଲେଜ ରୋଡ୍‌ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୨୭ତମ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା ସମିତି ସଭାପତି ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ଅନିଲ କୁମାର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଧରଣୀଧର ବିଶ୍ୱବିଦ୍ୟାଳୟର କୁଳସଚିବ ଦୁଃଖବନ୍ଧୁ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସମ୍ପାଦକ ଭାଗୀରଥି ଗିରି ସ୍ୱାଗତ ଭାଷଣ, ପ୍ରଧାନ ଆଚାର୍ଯ୍ୟ ଦୀନବନ୍ଧୁ ମହାକୁଡ଼ ବାର୍ଷିକ ବିବରଣୀ ପାଠ କରିଥିଲେ। ୨୦୨୩-୨୪ ବାର୍ଷିକ ପରୀକ୍ଷାରେ ଶ୍ରେଣୀରେ ପ୍ରଥମ ହୋଇଥିବା ଛାତ୍ରୀଛାତ୍ର, ଖେଳରେ ଚାମ୍ପିୟନ ଓ ବୃତ୍ତି ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଶିଶୁମାନଙ୍କ ଦ୍ୱାରା ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ ମନ ମୋହିଥିଲା। ବିଦ୍ୟାଳୟର ସମସ୍ତ ସେବାବ୍ରତୀ ପରିଚାଳନା କରିଥିବା ବେଳେ ଉପସଭାପତି ହୃଦାନନ୍ଦ ପ୍ରଧାନ ଧନ୍ୟବାଦ ଦେଇଥିଲେ।

# ଦୋଷୀଙ୍କୁ ୨୦ ବର୍ଷ ଜେଲ

## ନାବାଳିକାଙ୍କୁ ବଳାତ୍କାର ମାମଲା

କେନ୍ଦୁଝର,୨୪।୧୨
(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଅତିରିକ୍ତ ଜିଲା ଦୌରାଜଜ୍ ତଥା ସ୍ୱତନ୍ତ୍ର ବିଚାରପତିଙ୍କ କୋର୍ଟରେ ମଙ୍ଗଳବାର ଏକ ନାବାଳିକା ବଳାତ୍କାର ମାମଲାର ରାୟ ପ୍ରକାଶ ପାଇଛି। ଜଜ୍ ମୋନାଲିସା ମହାନ୍ତି ଏହାର ବିଚାର କରି ଦୋଷୀଙ୍କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହାସହ ୫ ହଜାର ଟଙ୍କା ଜରିମାନା ଓ ଅନାଦାୟ ୧ ବର୍ଷ ଅଧିକ କାରାଦଣ୍ଡ ଭୋଗିବା ପାଇଁ ରାୟରେ ଉଲ୍ଲେଖ କରିଛନ୍ତି। ଅଭିଯୁକ୍ତ ଜଣଙ୍କ ହେଲେ ରାଜେନ୍ଦ୍ର ବାରିକ (୩୧)।

ମାମଲାର ବିବରଣୀ ଅନୁଯାୟୀ, ପୀଡ଼ିତା ତାଙ୍କ ମା' ବାପା ଓ ୨ ଭାଇଙ୍କ ସହିତ କଟକରେ ରହୁଥିଲେ। ସେମାନେ କାମଧନ୍ଦା କରି ଚଳୁଥିଲେ। ଇତି ମଧ୍ୟରେ ତାଙ୍କ ସହିତ ସାଲେପୁର ଥାନା ଅଞ୍ଚଳର ରାଜେନ୍ଦ୍ର ବାରିକଙ୍କ ପରିଚୟ ହେଲା। ସେ ନିୟମିତ ତାଙ୍କ ଘରକୁ ଯିବାଆସିବା କରୁଥିଲେ। କୌଣସି କାରଣରୁ ପୀଡ଼ିତାଙ୍କ ବାପା ଘର ଛାଡ଼ି ପଳାଇଥିଲେ। ତେଣୁ ସେମାନେ ସେଠାରେ ଆଉ ରହି ନ ଥିଲେ। ପୀଡ଼ିତାଙ୍କ ମାମୁ ଘର କେନ୍ଦୁଝର ଟାଉନ ଥାନା ଅଞ୍ଚଳକୁ ସମସ୍ତେ ଚାଲିଆସିଥିଲେ। ତାଙ୍କ ସହିତ ରାଜେନ୍ଦ୍ର ମଧ୍ୟ ଆସିଥିଲେ। କିଛିଦିନ ରହିବା ପରେ କାମ ଧନ୍ଦା ପାଇଁ କେନ୍ଦୁଝର ସହରକୁ ଚାଲିଆସି ଡିଆରଡିଏ କାର୍ଯ୍ୟାଳୟ ନିକଟରେ ଏକ ପାଲ ଟାଣି ସେଠାରେ ସମସ୍ତେ ରହୁଥିଲେ। ଦିନ ବେଳେ ତାଙ୍କର ଦୁଇ ଛୋଟ ଭାଇ ଜରି, ଟିଣ ଗୋଟାଉଥିଲେ। ଜିଲା ମଙ୍ଗଳ ସମିତି (ସିଡବ୍ଲୁସି) ସେମାନଙ୍କୁ ଉଦ୍ଧାର କରି ଓପନ ସେଲଟର ହାଉସରେ ରଖିଥିଲା। ଏପଟେ ପୀଡ଼ିତା, ତାଙ୍କ ମା' ରାଜେନ୍ଦ୍ରଙ୍କ ସହିତ ପଲାରେ ରହୁଥିଲେ। ରାତିରେ ପୀଡ଼ିତାଙ୍କ ମା' ଶୋଇଯିବା ପରେ ରାଜେନ୍ଦ୍ର ପୀଡ଼ିତାଙ୍କୁ ବଳାତ୍କାର କରୁଥିଲେ। ମା'ଙ୍କୁ ଘଟଣା ସମ୍ପର୍କରେ ନ କହିବାକୁ ଧମକ ଦେଉଥିଲେ। ପରେ ତାଙ୍କ ମା' ଘଟଣା ସମ୍ପର୍କରେ ଜାଣିବାକୁ ପାଇଥିଲେ। ତେବେ ପୀଡ଼ିତା ସେଠାରୁ ଚାଲିଯାଇ କେନ୍ଦୁଝର ସହର କରଞ୍ଜିଆ ବସ୍‌ଷ୍ଟାଣ୍ଡ ନିକଟରେ ବୁଲୁଥିଲେ। ୨୦୧୭ ଅଗଷ୍ଟ ୨୨ରେ ତାଙ୍କୁ ମଧ୍ୟ ସିଡବ୍ଲୁସି ଉଦ୍ଧାର କରି ଓପନ ସେଲଟର ହାଉସରେ ରଖିଥିଲା। ସେଠାରେ କାଉନସେଲିଂ ସମୟରେ ପୀଡ଼ିତା ଘଟଣା ସମ୍ପର୍କରେ କହିଥିଲେ। ଫଳରେ ସିଡବ୍ଲୁସିର ଅଭିଯୋଗ କ୍ରମେ ଟାଉନ ପୋଲିସ ଏକ ମାମଲା(ନଂ. ୩୬୬/୧୭) ରୁଜୁ କରି ରାଜେନ୍ଦ୍ରଙ୍କୁ କୋର୍ଟ ଚାଲାଣ କରିଥିଲା। ପୀଡ଼ିତାଙ୍କୁ ୧୦ ଲକ୍ଷ ଟଙ୍କା ଅନୁକମ୍ପା ମୂଳକ ସହାୟତା ପ୍ରଦାନ ପାଇଁ କୋର୍ଟ ପରାମର୍ଶ ଦେଇଥିବା ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ଗଣେଶ ପ୍ରସାଦ ମହାପାତ୍ର କହିଛନ୍ତି।

# ଜନବସତିରୁ କୁକୁଡ଼ା ଫାର୍ମ ଉଚ୍ଛେଦ ଦାବି

ଛେନାପଦି,୨୪।୧୨(ନିରାକାର ପରିଡ଼ା)

ହାଟଡିହୀ ବ୍ଲକର ବାଲିବରେଇ ପଞ୍ଚାୟତ ଡାହିସାହିରେ ଏକାଧିକ ବ୍ରଏଲର କୁକୁଡ଼ା ଫାର୍ମ ରହିଛି। ଗ୍ରାମବାସୀଙ୍କ ଦାବି ଓ ଚେତାବନୀ ପରେ ତାହା ବନ୍ଦ ରହିଥିଲା। ଏବେ ପୁଣି ଫାର୍ମଗୁଡ଼ିକ ଚଳାଇବାକୁ ଉଦ୍ୟମ ଆରମ୍ଭ ହୋଇଥିବାରୁ ଗ୍ରାମବାସୀ ସୋମବାର ମିଳିତ ଜନଶୁଣାଣିରେ ଜିଲାପାଳଙ୍କୁ ଭେଟି ଉଚ୍ଛେଦ ପାଇଁ ଦାବି କରିଛନ୍ତି।

ସେମାନେ ଅଭିଯୋଗ କରିଛନ୍ତି ଯେ, ଫାର୍ମ ମାଲିକମାନେ ଛେଳି ଚାଷ କରିବା ପାଇଁ ଗୃହ ନିର୍ମାଣ କରିଥିଲେ ସୁଦ୍ଧା ପରବର୍ତ୍ତୀ ସମୟରେ ସେମାନେ ସେଠାରେ କୁକୁଡ଼ା ଚାଷ ଆରମ୍ଭ କରିଥିଲେ। ଜନବସତିରେ ୩ଟି ବ୍ରଏଲର ଫାର୍ମ ଯୋଗୁ ଲୋକେ ଅତିଷ୍ଠ ହୋଇପଡ଼ିଛନ୍ତି। ଫାର୍ମରୁ ନିର୍ଗତ କୁକୁଡ଼ା ମଳ ଜନବସତି ନିକଟରେ ପଡୁଥିବାରୁ ଦୁର୍ଗନ୍ଧରେ ଲୋକେ ଘରେ ରହିପାରୁ ନ ଥିଲେ। ସ୍ଥାନୀୟ ଲୋକଙ୍କ ବିରୋଧ ପରେ ପ୍ରଶାସନ ଫାର୍ମଗୁଡ଼ିକୁ ବନ୍ଦ କରିଥିଲା। ପୁନର୍ବାର ଫାର୍ମଗୁଡ଼ିକୁ ଚଳାଇବାକୁ ଉଦ୍ୟମ ଆରମ୍ଭ ହୋଇଛି। ଏଥିପାଇଁ ଅନୁମତି ମିଳିଥିବା ଜାଣିବା ପରେ ଏହାକୁ ବନ୍ଦ କରାଯିବା ଲାଗି ଦଶରଥ ମୁର୍ମୁ, ରଥ ଟୁଡୁ, ଚକ୍ର ହାଁସଦା, ବର୍ଷା ମୁର୍ମୁ, ଝୁମୁରି ହାଁସଦା, ଜଗନ ମୁର୍ମୁ, ଦୁଲ୍ଲୀ ମାଝୀ, ମିନତି ମୁର୍ମୁ, ରମେଶ ରାଉତ, ଶାନ୍ତିଲତା ସାମଲ, ନିତ୍ୟାନନ୍ଦ ବିଶ୍ୱାଳ, ସୁକାନ୍ତି ରାଉତ, ସୁବାସିନୀ ବେହେରା ପ୍ରମୁଖ ଜିଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି।



# 'କଠିନ ପରିଶ୍ରମ,ଏକାଗ୍ରତା ଠିକ୍ ବାଟ ଦେଖାଏ'

## ରଘୁନାଥ ଉଚ୍ଚବିଦ୍ୟାଳୟରେ ସାମ୍ବତ୍ସରିକ ଉତ୍ସବ

ବୈଶିଙ୍ଗା,୨୪।୧୨(ରତନ ଦାଶ)



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ମୟୂରଭଞ୍ଜ ଜିଲା ବେତନଟୀ ବ୍ଲକ ଅନ୍ତର୍ଗତ ରାଇକମାସ୍ଥିତ ରଘୁନାଥ ଉଚ୍ଚ ବିଦ୍ୟାଳୟରେ ୩୬ ତମ ସାମ୍ବତ୍ସରିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରତାପ ଚନ୍ଦ୍ର ମିଶ୍ରଙ୍କ ପୌରହିତ୍ୟରେ ଆୟୋଜିତ ଏହି ଉତ୍ସବକୁ ବଡ଼ସାହି ବିଧାୟକ ସନାତନ ବିଜୁଳି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ବରିଷ୍ଠ ସାମ୍ବାଦିକ ତଥା ସ୍ତମ୍ଭକାର କବି ବିଷ୍ଣୁ ଶତପଥୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ଓଡ଼ିଶାର ସଂସ୍କୃତି, ପରମ୍ପରା ଓ ମାତୃଭୂମି ପ୍ରତି ଉଚିତ ସମ୍ମାନ ପ୍ରଦର୍ଶନ କରିବା ପାଇଁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଏକାଗ୍ରତା, କଠିନ ପରିଶ୍ରମ ଓ ଗୁରୁଜନଙ୍କ ପ୍ରତି ଭକ୍ତି ବଳରେ ଜଣେ ସଫଳ ବିଦ୍ୟାର୍ଥୀ ହେବା ସହିତ ଲକ୍ଷ୍ୟସ୍ଥଳରେ ପହଞ୍ଚି ପାରିବ ବୋଲି ଅତିଥିମାନେ ମତପ୍ରକାଶ କରିଥଲେ। ଜିଲା ବିଜ୍ଞାନ ପରିଦର୍ଶକ ଜ୍ଞାନ ରଞ୍ଜନ ଆଚାର୍ଯ୍ୟ , ତୋଟାପଡା ଆଶ୍ରମ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଦେବେନ୍ଦ୍ର କୁମାର ପଣ୍ଡା, ଜିଲା ଓଷ୍ଟା ସାଧାରଣ ସମ୍ପାଦକ କିଶୋର କୁମାର ଆଚାର୍ଯ୍ୟ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ବିଦ୍ୟାଳୟର ପ୍ରତିଷ୍ଠାତା ପ୍ରଧାନଶିକ୍ଷକ ଭୁପାଳ ଚନ୍ଦ୍ର ପଣ୍ଡାଙ୍କ ଦ୍ୱାରା ପ୍ରଦତ୍ତ ୨୦୨୪ ବାର୍ଷିକ ବୋର୍ଡ ପରୀକ୍ଷାରେ ସର୍ବାଧିକ ନମ୍ବର ରଖି ବିଦ୍ୟାଳୟ ପାଇଁ ଗୌରବ ଆଣିଥିବା କୃତି ଛାତ୍ରୀ ଜ୍ୟୋର୍ତିମୟୀ ନାଥଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି କୋଲକାତାଠାରେ ଅନୁଷ୍ଠିତ ହେବାକୁ ଥିବା ପୂର୍ବ ଭାରତ ବିଜ୍ଞାନ ପ୍ରଦର୍ଶନୀରେ ଓଡ଼ିଶାର ପ୍ରତିନିଧି କରିବା ପାଇଁ ଯୋଗ୍ୟ ବିବେଚିତ ହୋଇଥିବା ନବମ ଶ୍ରେଣୀ ଛାତ୍ର ସୌମ୍ୟରଞ୍ଜନ ରାଉତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

ବିଦ୍ୟାଳୟର ଅବସର ପ୍ରାପ୍ତ ବରିଷ୍ଠ ଶିକ୍ଷକ ରାଜକିଶୋର ଦାସଙ୍କ ସଂଯୋଜନାରେ ଅନୁଷ୍ଠିତ ଉତ୍ସବରେ ପ୍ରଧାନ ଶିକ୍ଷକ ଅଜିତ କୁମାର ଜେନା ସ୍ୱାଗତ ସମ୍ଭାଷଣ ପ୍ରଦାନ କରିଥିବା ବେଳେ ବରିଷ୍ଠ ଶିକ୍ଷକ ନିରଞ୍ଜନ ବାରିକ ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। ବାର୍ଷିକ କ୍ରୀଡା ପ୍ରତିଯୋଗିତା ତଥା ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ହାସଲ କରିଥିବା କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସାନ୍ଧ୍ୟ ଅଧିବେଶନରେ ଅନୁଷ୍ଠିତ ସାଂସ୍କୃତିକ ଉତ୍ସବରେ ସିଦ୍ଧେଶ୍ୱର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିମଳ କୁମାର ଜେନା, ଓ ରାଇକମା ଆଶ୍ରମ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରଜତ କୁମାର ଦାଶ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଛାତ୍ରୀଛାତ୍ରମାନେ ନିଜ ନିଜର ଅନ୍ତର୍ନିହିତ ପ୍ରତିଭାର ବିକାଶ ପାଇଁ ଚେଷ୍ଟିତ ହେବାକୁ ପରାମର୍ଶ ଦେଇଥିଲେ। ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ଜିଲାସ୍ତରୀୟ ଜାତୀୟ ଖାଉଟି ଦିବସ

ବାରିପଦା,୨୪।୧୨
(ନୀଳାଦ୍ରି ବିହାରୀ ଦଣ୍ଡପାଟ)




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ଓଡ଼ିଶା ସରକାରଙ୍କ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଆନୁକୂଲ୍ୟରେ ଜିଲାସ୍ତରୀୟ ଜାତୀୟ ଖାଉଟି ଦିବସ-୨୦୨୪ ପାଳିତ ହୋଇଯାଇଛି। ଜିଲା ଉପନିୟନ୍ତ୍ରକ ବୈଧ ମାପ ବିଜ୍ଞାନ ବାରିପଦା ଓ 'ସଂକଳ୍ପ 'ପକ୍ଷରୁ ମିଳିତ ଭାବେ ବାରିପଦାସ୍ଥିତ ଜ୍ଞାନଦୀପ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସଭା ଗୃହରେ ଏହି ଦିବସ ପାଳିତ ହୋଇଛି। ଏଥିରେ ସଂକଳ୍ପର ସମ୍ପାଦକ ପ୍ରଦୀପ କୁମାର ଦାସମହାପାତ୍ର ପରିଚୟ ପ୍ରଦାନ କରିବା ପରେ ଜ୍ଞାନଦୀପ କଲେଜର ଅଧ୍ୟକ୍ଷ ଅଶୋକ କୁମାର ସାହୁ ସଭା ପରିଚାଳନା କରିଥିଲେ। ମୁଖ୍ୟ ଅତିଥି ଭାବେ ଖାଦ୍ୟ ଯୋଗାଣ ଅଧିକାରୀ ଅନାଦି ଚରଣ ସେଠୀ ଯୋଗଦେଇ କାର୍ଯ୍ୟକ୍ରମଟିକୁ ଉଦ୍‌ଘାଟନ କରିଥିଲେ। ବୈଧ ମାପ ବିଜ୍ଞାନର ଉପନିୟନ୍ତ୍ରକ ରବୀନ୍ଦ୍ର କୁମାର ମହାପାତ୍ର ଜାତୀୟ ଖାଉଟି ଦିବସ ପାଳନର ଲକ୍ଷ୍ୟ ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ମୁଖ୍ୟ ବକ୍ତା ଭାବେ ଜ୍ଞାନଦୀପ କଲେଜର ଚେୟାରମ୍ୟାନ କ୍ଷୀରୋଦ ଚନ୍ଦ୍ର ଘୋଷ, ଜୀବନ କୃଷ୍ଣ ବେହେରା,ଆଇନ କଲେଜର ଅଧ୍ୟକ୍ଷା ଅନାମିକା ସୋରେନ , ରାଜକିଶୋର ମଲ୍ଲିକ, ରିଲାଏନ୍ସ ଫାଉଣ୍ଡେସନ ଜିଲା ପ୍ରକଳ୍ପ ଅଧିକାରୀ ମମତା ବିଷ୍ଟ , ଜଗବନ୍ଧୁ ମହାନ୍ତି , କବିବିଷ୍ଣୁ ଶତପଥୀ , ବିବେକାନନ୍ଦ ପଟ୍ଟନାୟକ , ଅଲ ଇଣ୍ଡିଆ ରେଡ଼ିଓ ବାରିପଦାର ସତ୍ୟାନନ୍ଦ ଶେଜପଡା ପ୍ରମୁଖ ଯୋଗ ଦେଇଥିଲେ। ଜ୍ଞାନଦୀପର ଛାତ୍ରୀଛାତ୍ର ଓ ଅନ୍ୟାନ୍ୟ କର୍ମକର୍ତ୍ତାମାନେ କାର୍ଯ୍ୟକ୍ରମରେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ। ଫୋର୍ଡର ସନ୍ତୋଷ କୁମାର ଖଣ୍ଡା ଧନ୍ୟବାଦ ଦେଇଥିଲେ। ସମସ୍ତ ଅଂଶଗ୍ରହଣକାରୀମାନଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା।

# ମଣ୍ଡଳ ସଭାପତି ଚୟନକୁ ନେଇ ଗଣ୍ଡଗୋଳ

## ବିଧାୟକଙ୍କ ପ୍ରସ୍ତାବକୁ ବିରୋଧ

ବାରିପଦା,୨୪।୧୨
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ବଡ଼ସାହି ବିଧାନସଭା ନିର୍ବାଚନ ମଣ୍ଡଳୀର ୫ଟି ମଣ୍ଡଳ ସଭାପତି ଚୟନକୁ ନେଇ ଭାଜପା ବୈଠକରେ ଗଣ୍ଡଗୋଳ ଘଟିଛି। ବିଧାୟକ ସନାତନ ବିଜୁଳିଙ୍କ ପ୍ରସ୍ତାବକୁ ବିରୋଧ ସହ ରାଜନୈତିକ ତିକ୍ତତା ତୀବ୍ର ରୂପ ଧାରଣ କରିଛି। ଏପରିକି ଚେୟାର ଫିଙ୍ଗି ଆକ୍ରମଣ ପର୍ଯ୍ୟନ୍ତ କଥା ଯାଇଥିବା ସୂଚନା ମିଳିଛି।

ସୂଚନାଯୋଗ୍ୟ, ସୋମବାର ସନ୍ଧ୍ୟାରେ ବାରିପଦା ଷ୍ଟାଡିୟମ ସମ୍ମିଳନୀ କକ୍ଷରେ ବଡ଼ସାହି, ମାଣତ୍ରୀ, ବେତନଟୀ, ବୈଶିଙ୍ଗା ଓ ଅଁଳା ମଣ୍ଡଳର ସଭାପତି ଚୟନ ପାଇଁ ଭାଜପା ପକ୍ଷରୁ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ବିଧାୟକ ବିଜୁଳି ନିଜ ସମର୍ଥକଙ୍କୁ ମଣ୍ଡଳ ସଭାପତି ଭାବେ ଚୟନ କରିବା ପାଇଁ ପ୍ରସ୍ତାବ ଦେଇଥିଲେ। ଏହି ପ୍ରସ୍ତାବକୁ ଉପସ୍ଥିତ କେତେଜଣ କର୍ମକର୍ତ୍ତା ବିରୋଧ କରିଥିଲେ। ନିର୍ବାଚନ ମଣ୍ଡଳୀର ବଡ଼ସାହି ମଣ୍ଡଳ ବ୍ୟତୀତ ଅନ୍ୟ ୪ଟି ମଣ୍ଡଳର ସଭାପତି ପାଇଁ ୩ଟି ଲେଖାଏ ନାମ ରାଜ୍ୟସ୍ତରକୁ ପଠାଯାଇଛି। ସେଠାରୁ ଯାହାକୁ ମନୋନୀତ କରାଯିବ ସେ ମଣ୍ଡଳ ସଭାପତି ଭାବେ ନିଯୁକ୍ତ ହେବେ। ଏସମ୍ପର୍କରେ ବିଧାୟକ ବିଜୁଳିଙ୍କ ମତାମତ ପାଇଁ ଯୋଗାଯୋଗ କରଯାଇଥିଲେ ହେଁ ସମ୍ଭବ ହୋଇନାହିଁ। ସୂଚନାଯୋଗ୍ୟ ବିଜୁଳି ଦ୍ୱିତୀୟ ଥର ବିଧାୟକ ଭାବେ ନିର୍ବାଚିତ ହେବା ପରେ ପୁରୁଖା କର୍ମକର୍ତ୍ତା ଓ କର୍ମୀଙ୍କୁ ଅଣଦେଖା କରୁଥିବା ଅଭିଯୋଗ ହୋଇଆସୁଥିଲା। ଯାହାର ପୁଞ୍ଜିଭୂତ ଅସନ୍ତୋଷ ସୋମବାର ବୈଠକରେ ପ୍ରତିଫଳିତ ହୋଇଥିଲା। ଉଲ୍ଲେଖଯୋଗ୍ୟ, ବଡ଼ସାହି ମଣ୍ଡଳରେ ବୁଥ କମିଟି ଗଠନ ଲକ୍ଷ୍ୟ ଧାର୍ଯ୍ୟ ପୂର୍ଣ୍ଣ ହୋଇ ନ ଥିବାରୁ କାହାରି ନାମ ସୁପାରିଶ ହୋଇନାହିଁ।

# ବ୍ୟାଙ୍କ ସ୍ଥାନାନ୍ତରକୁ ବିରୋଧ

ମୋରଡ଼ା,୨୪।୧୨(ସ୍ମାରକ ମାଜୀ)

ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ବ୍ଲକ ଅଧୀନ କାନପୁର ଗ୍ରାମରେ ଥିବା କାନାଡ଼ା ବ୍ୟାଙ୍କର ଏକ ଶାଖାକୁ ଅନ୍ୟତ୍ର ସ୍ଥାନାନ୍ତର କରାଯିବା ଘଟଣାକୁ ନେଇ ସ୍ଥାନୀୟ ଗ୍ରାମବାସୀ ବିରୋଧ କରିଛନ୍ତି। ମଙ୍ଗଳବାର ଗ୍ରାମବାସୀ ବ୍ୟାଙ୍କର ବାହାର ପଟୁ ତାଲା ପକାଇ ଜୋରଦାର ପ୍ରତିବାଦ କରିଛନ୍ତି। ଖବର ପାଇ ରାସଗୋବିନ୍ଦପୁର ଥାନା ଅଧିକାରୀ ସୁକାନ୍ତି କୋରେଇ ପୋଲିସ ଫୋର୍ସ ସହିତ ଘଟଣାସ୍ଥଳରେ ପହଞ୍ଚିଥିଲେ। ପରିସ୍ଥିତି ଅଣାୟତ ହେବାରୁ ବେତନଟୀ ଏସ୍‌ଡିପିଓ ମମତା ସାହୁ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ରାସଗୋବିନ୍ଦପୁର ତହସିଲଦାର ମାଜିଷ୍ଟ୍ରେଟ ଭାବେ ଉପସ୍ଥିତ ଥିଲେ।



ଉତ୍ତ୍ୟକ୍ତ ଲୋକେ ହୋହଲ୍ଲା କରୁଛନ୍ତି।

# ସିପିଏମ୍‌ର ବିକ୍ଷୋଭ

ଉଦଳା,୨୪।୧୨
(ସନ୍ତୋଷ କୁମାର ବାଛିନୀ)

ସାଧାରଣ ଲୋକଙ୍କ ଦାବିକୁ ନେଇ ରାଜରାସ୍ତାକୁ ଓହ୍ଲାଇଛି ସିପିଆଇଏମ୍। ୧୫ ଦଫା ଦାବି ନେଇ ଦଳ ପକ୍ଷରୁ ଏକ ବିଶାଳ ବିକ୍ଷୋଭ ଶୋଭାଯାତ୍ରା ବଜାର ପରିକ୍ରମା କରିଛି। ଉଦଳା ହାଇସ୍କୁଲ ପଡିଆଠାରୁ ଅନେକ ସିପିଆଇଏମ ସଦସ୍ୟ ସାମିଲ ହୋଇ ବଜାର ପରିକ୍ରମା କରି ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲା। ଦାବି ଗୁଡିକ ମଧ୍ୟରେ ଉଦଳାରେ ଭିନ୍ନକ୍ଷମ ବିଦ୍ୟାଳୟ ସ୍ଥାପନ, ସରକାରୀ ଶୀତଳ ଭଣ୍ଡାର ସ୍ଥାପନ, ବାଲେଶ୍ୱର - ନୀଳଗିରି ରେଳ ଲାଇନକୁ ଉଦଳା ପର୍ଯ୍ୟନ୍ତ ସମ୍ପ୍ରସାରଣ, ଆବାସ ଯୋଜନାର ଅନୁଦାନ ଟଙ୍କା ୫ ଲକ୍ଷକୁ ବୃଦ୍ଧି କରିବା ଭଳି ଦାବି ସମୂହ ରହିଛି। ଏହା ସହିତ ୧୫ ଦଫା ଦାବି ସମ୍ବଳିତ ସ୍ମାରକପତ୍ର ଉପଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରାଯାଇଛି।

# ୧୦୮ ଚାଷୀଙ୍କଠାରୁ ୨୬୮ କୁଇଣ୍ଟାଲ ଧାନ ସଂଗ୍ରହ

## ଖୋଲିଲା ଧାନମଣ୍ଡି

ବାରିପଦା,୨୪।୧୨
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ଶୁଳିଆପଦା ବ୍ଲକ ଦେଉଳି ଲ୍ୟାମ୍ପସରେ ଧାନମଣ୍ଡିର ଶୁଭ ଉଦ୍‌ଘାଟନ ହୋଇଛି। ଚଳିତ ଖରିଫ ବର୍ଷ ପାଇଁ ଜିଲାସ୍ତରୀୟ ଧାନ କ୍ରୟ କମିଟିର ନିଷ୍ପତ୍ତି ଅନୁସାରେ ମଙ୍ଗଳବାରଠାରୁ ଖରିଫ ଧାନ କିଣା ଆରମ୍ଭ କରାଯାଇଛି। ଏହି ପରିପ୍ରେକ୍ଷୀରେ ଜିଲାପାଳ ହେମକାନ୍ତ ସୟ ଉପସ୍ଥିତ ରହି ଧାନ କ୍ରୟ କେନ୍ଦ୍ରର ଶୁଭ ଉଦଘାଟନ କରିଥିଲେ। ମିଲକୁ ଧାନ ପହଞ୍ଚିବା ପୂର୍ବରୁ ଏହାର ମାନକୁ ନିଶ୍ଚିତ କରିବା ପାଇଁ ମଣ୍ଡିରେ ଧାନର ମାନ ଯାଞ୍ଚ କରାଯିବ ଏବଂ ଯାଞ୍ଚ ସମୟରେ ମିଲର ଉପସ୍ଥିତ ରହିବେ। ଯାଞ୍ଚ ରିପୋର୍ଟର ଏକକିତା ନକଲ ସମ୍ପୃକ୍ତ ଚାଷୀଙ୍କୁ ପ୍ରଦାନ କରାଯିବ। ଏଥିସହିତ ପ୍ରତିଦିନ ମଣ୍ଡିକୁ ଧାନ ଆସିବା ଉଚିତ ଏବଂ ସରକାରଙ୍କ ବିଶେଷ ଯୋଜନାର ଲାଭ ଉଠାଇବାକୁ ଚାଷୀମାନଙ୍କୁ ଜିଲାପାଳ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବାରିପଦା ସଦର ଉପଜିଲାପାଳ ଈଶ୍ୱର ଚନ୍ଦ୍ର ନାଏକ, ଜିଲା ମୁଖ୍ୟ ଯୋଗାଣ ଅଧିକାରୀ କୃଷ୍ଣଚନ୍ଦ୍ର ସେଠୀ, ବାରିପଦା ମଣ୍ଡଳର ବରିଷ୍ଠ ସହକାରୀ ନିବନ୍ଧକ ଅଶୋକ କୁମାର ପାଣି, ସହକାରୀ ନିବନ୍ଧକ ତୁଷାରକାନ୍ତ ମହାନ୍ତି ଓ ଦେଉଳି ଲ୍ୟାମ୍ପସର ପରିଚାଳନା ନିର୍ଦ୍ଦେଶକ ଅଜିତ କୁମାର ଧଳ ପ୍ରମୁଖ ଉପସ୍ଥିତ ରହିଥିଲେ। ଜିଲାର ଶୁଳିଆପଦା ଓ କରଞ୍ଜିଆ ବ୍ଲକରେ ଦୁଇଟି ଧାନ ମଣ୍ଡି ଉଦଘାଟନ ହୋଇଛି। ପ୍ରଥମ ଦିବସରେ ଦୁଇଟି ମଣ୍ଡିରୁ ମୋଟ ୧୦୮ ଚାଷୀଙ୍କଠାରୁ ୨୬୮ କୁଇଣ୍ଟାଲ ୧୭ କିଗ୍ରା ଧାନ ସଂଗ୍ରହ କରାଯାଇଛି।

